**OFFICE OF THE TAHASILDAR, PADAMPUR, DIST-BARGARH**

No......2031....../ Dt. 29.04.2021

To,

District Information and Public Relation Officer,
Bargarh.

Sub : Publication of text advertisement regarding lease auction notice of Minor Minerals Sairat Sources under Padampur Tahasil on daily newspapers.

Sir/Madam,

Enclosed please find herewith a text advertisement relating to lease auction notice of Minor Minerals on Sairat Sources under Padampur Tahasil for publication in the daily newspapers Sambad & Samaj.

You are, therefore, requested to do the needful for publication of the advertisement in both the daily newspapers Sambad & Samaj.

Encl : As above.

Yours faithfully

Tahasildar, Padampur
Tahasildar
Padampur 29/4/2021

Memo No......2032..... / Dt. 29.04.2021

Copy submitted to the Collector, Bargarh/ Sub-Collector, Padampur for favour of kind information.

Tahasildar, Padampur
Tahasildar
Padampur 29/4/2021

Memo No......2033..... / Dt. 29.04.2021

Copy forwarded to the D.I.O. NIC, Bargarh to web hoist in the district website (www.bargarh.nic.in) for advertisement of the above auction notice.

Tahasildar, Padampur
Tahasildar
Padampur 29/4/2021

Memo No......2034..... / Dt. 29.04.2021

Copy forwarded to the All the B.D.Os, of Bargarh District / All the Tahasildars of Bargarh District / E.O. NAC, Padampur and Bijepur and All R.Is under Padampur Tahasil for publication in their Office notice board for wide publicity.

Tahasildar, Padampur
Tahasildar
Padampur 29/4/2021

# ତହସିଲ କାର୍ଯ୍ୟାଳୟ, ପଦ୍ମପୁର, ଜି.ବରଗଡ

## ବିଜ୍ଞାପନ ସଂଖ୍ୟା. 2029 / ତା. 29.04.2021

## (ଲଘୁ ଖଣିଜ ଉତ୍ସର ଦୀର୍ଘ ମିଆଦି ଲିଜ୍ ନିମନ୍ତେ ଇସ୍ତାହାର)

ଏତଦ୍ବାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପଦ୍ମପୁର ତହସିଲ ଅନ୍ତର୍ଗତ ଲଘୁ ଖଣିଜ ଉତ୍ସଗୁଡିକ OMMC Rules-2016 ମୁତାବକ ଦୀର୍ଘମିଆଦୀ ଲିଜ ସୂତ୍ରରେ ଆସନ୍ତା 5 (ପାଞ୍ଚ) ବର୍ଷ ନିମନ୍ତେ ନିଲାମ ପାଇଁ ଦରଖାସ୍ତ ଆହ୍ବାନ କରା ଯାଉଅଛି I ଇଚ୍ଛୁକ ବ୍ୟକ୍ତି ବିଶେଷ OMMC Rules-2016 ରେ ପ୍ରଦତ୍ତ (Form-M) ରେ 3 (ତିନି) କପି ଆବେଦନ ପତ୍ର ସହ ଆବଶ୍ୟକୀୟ କାଗଜାତର ନକଲ ସଂଲଗ୍ନ କରି ସିଲ ଲଫାଫା ଉପରେ ସୈରାତ ଉତ୍ସର ନାମ ଉଲ୍ଲେଖ କରି ତହସିଲଦାର ପଦ୍ମପୁରଙ୍କ କାର୍ଯ୍ୟାଳୟ ଠିକଣାରେ କେବଳ Speed Post/Regd. Post ମାଧ୍ୟମରେ ପ୍ରେରଣ କରିବେ ଯାହାକି ତା. 25.05.2021 ରିଖ ସୁଦ୍ଧା ତହସିଲଦାରଙ୍କ କାର୍ଯ୍ୟାଳୟରେ ପ୍ରାପ୍ତ ହେବା ଆବଶ୍ୟକ I ତା. 26.05.2021 ରିଖ ଦିବା. 09.00 ସମୟରେ ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତଗୁଡିକ ତନଖି କରାଯାଇ ସର୍ବୋଚ୍ଚ ଅତିରିକ୍ତ ଦେୟ ଉଲ୍ଲେଖ କରିଥିବା ଭିତ୍ତିରେ ଯୋଗ୍ୟ ଲିଜ୍ ଧାରୀ ଚୟନ କରାଯିବ I ଧାର୍ଯ୍ୟ ସମୟ ପରେ ପ୍ରାପ୍ତ ଓ ଅସଂପୂର୍ଣ୍ଣ ଦରଖାସ୍ତ ଗୁଡିକ ବାତିଲ କରାଯିବ I ଯେଉଁ ଉତ୍ସ ଗୁଡିକର ନିର୍ଦ୍ଧାରିତ ତାରିଖରେ ଆବେଦନ ପତ୍ର ମିଳିନଥିବ କିମ୍ବା ଲିଜ୍ ଚୂଡାନ୍ତ ହୋଇ ନ ଥିବ ସେହି ଉତ୍ସ ଗୁଡିକ ପାଇଁ ଦ୍ୱିତୀୟ ଓ ତୃତୀୟ ଥର ପାଇଁ ଯଥାକ୍ରମେ ତା. 03.06.2021 ରିଖ ଓ ତା. 17.06.2021 ରିଖ ମଧ୍ୟାହ୍ନ 12.00 ଘଟିକା ପର୍ଯ୍ୟନ୍ତ ଆବେଦନ ଗ୍ରହଣ କରାଯିବ ଏବଂ ଯଥାକ୍ରମେ ତା. 04.06.2021 ଓ ତା.18.06.2021 ଦିନ ଦିବା. 09.00 ଘଟିକା ସମୟରେ ପୂର୍ବମତେ ଦରଖାସ୍ତ ଗୁଡିକୁ ତନଖି କରାଯିବ I ଏହାର ସବିଶେଷ ବିବରଣି ଜିଲ୍ଲା website : (www.bargarh.nic.in) ରେ ଉପଲବ୍ଧ I ଏତଦ୍ ବ୍ୟତୀତ ସୈରାତ ଉତ୍ସଗୁଡିକର ବିଶଦ ବିବରଣୀ ତହସିଲ କାର୍ଯ୍ୟାଳୟରେ ଯେ କୌଣସି କାର୍ଯ୍ୟଦିବସରେ ମଧ୍ୟ ଦେଖି ପାରିବେ I

ତହସିଲଦାର, ପଦ୍ମପୁର
Tahasildar
Padampur 29/4/2021

# (ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦସ୍ତାବିଜ୍)

1. ଦରଖାସ୍ତ ପାଉଣା ବାବଦ ଟ.1000.00 (ଏକ ହଜାର ଟଙ୍କା ମାତ୍ର) (ଅଣ-ଫେରସ୍ତ) ଟ୍ରେଜେରୀ ଚାଲାଣ (Head of Account-0853-Non-Ferous Mining and Metallurgical Industries-102 Mineral Concession Fees, Rents and Royalties) ରେ ଦାଖଲ କରିବେ I

2. କୌଣସି ମାଇନିଂ ବାବଦକୁ ବକେୟା ଦେୟ ନ ଥିବା ନେଇ ଏକ ସତ୍ୟପାଠ କରିବେ I

3. IT Returns ଏବଂ ଅନ୍ୟୁନ 18 ମାସ ପର୍ଯ୍ୟନ୍ତ କାଏମ ଥିବା ବ୍ୟାଙ୍କ ଗ୍ୟାରେଣ୍ଟି / ଋଣ ପରିଶୋଧ କ୍ଷମତା ପ୍ରମାଣ ପତ୍ର (Solvency Certificate) ଯାହାକି ଦରଖାସ୍ତ କରୁଥିବା ସୈରାତ ଉତ୍ସର ବାର୍ଷିକ ମୂଲ୍ୟ (Mining guarantee quantity X (Royalty + Additional Charge) ଠାରୁ ଅଧିକ ହୋଇଥିବା ଆବଶ୍ୟକ I

4. Earnest Money ପାଇଁ Demand Draft (in favour of Tahasildar, Padampur) ଯାହାର ମୂଲ୍ୟ ଅତିରିକ୍ତ ଚାର୍ଜ (Addl. Charge) ଏବଂ Royalty (ଏକ ବର୍ଷ) ର 5% ଠାରୁ କମ୍ ହୋଇନଥିବ I [EMD = 5% of {Minimum Guaranteed Quantity X (Royalty + Additional Charges)}]

ତହସିଲଦାର, ପଦ୍ମପୁର
Tahasildar
Padampur 26/7/2024

# ବିଶେଷ ସର୍ତ୍ତାବଳୀ

1. ଆବେଦନକାରୀ/ଲିଜଧାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ, OMMC Rules-2016 ର ପରିସର ଭୁକ୍ତ ରହିବେ I
2. ପ୍ରଚଳିତ ନିୟମ ଅନୁଯାୟୀ ଅତିରିକ୍ତ ଦେୟର Additional Charge ମୂଲ୍ୟ ଉପରେ ସର୍ବୋଚ୍ଚ ମୂଲ୍ୟ ଦର୍ଶାଇ ଥିବା ନିଲାମଧାରୀଙ୍କ ଦରଖାସ୍ତକୁ ଲିଜ୍ ପ୍ରଦାନ ନିମନ୍ତେ ଚୟନ କରାଯିବ I ଯଦି 1 ରୁ ଅଧିକ ଦରଖାସ୍ତକାରୀ ସମାନ ସର୍ବୋଚ୍ଚ ମୂଲ୍ୟ ପ୍ରଦାନ କରିଥିବେ ତେବେ ଲଟେରୀ ମାଧ୍ୟମରେ ଲିଜଧାରୀଙ୍କୁ ଚୟନ କରାଯିବ I
3. ଲିଜ୍ ରେ ଅଂଶ ଗ୍ରହଣ କରୁଥିବା ବ୍ୟକ୍ତି ବିଶେଷ ଉତ୍ସ ଗୁଡିକ ପରିଦର୍ଶନ କରି ପରିଚାଳନା ପାଇଁ ଗମନା ଗମନ ସୁବିଧା, ଗଚ୍ଛିତ ଥିବା ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁଷାଙ୍ଗିକ ସୁବିଧା ସଂପର୍କରେ ପର୍ଯବେକ୍ଷଣ କରି ଦରଖାସ୍ତ କରିବା ଆବଶ୍ୟକ I ଲିଜ୍ ନେବା ପରେ ସୈରାତ ଚଳାଇବା ସଂପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ ତଥା କୌଣସି ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ I
4. ଲିଜ୍ ସୂତ୍ରେ ନେବାକୁ ଇଚ୍ଛୁକ ଥିବା ବ୍ୟକ୍ତି ଦରଖାସ୍ତରେ ଲଘୁ ଖଣିଜ ଦ୍ରବ୍ୟର ସରକାରଙ୍କ ଦ୍ୱାରା ଅତିରିକ୍ତ ଦେୟର (Additional Charge) ମୂଲ୍ୟଠାରୁ କମ୍ ମୂଲ୍ୟ ଦର୍ଶାଇଲେ ଦରଖାସ୍ତଟି ଗ୍ରହଣୀୟ ହେବ ନାହିଁ ଏବଂ ଦରଖାସ୍ତଟି ନାକଚ ହେବ I
5. ଲିଜ୍ ନିମନ୍ତେ ଯୋଗ୍ୟ ସୈରାତ ଉତ୍ସର ବାର୍ଷିକ ଦେୟ {Minimum Guarantee Quantity X (Royalty + Additional Charges)}+ Amount of Contribution payable to DMF ର ଏକ ଚତୁର୍ଥାଂଶ ରାଶି (EMD କୁ ବାଦ ଦେଇ) ଲିଜ୍ ଚୁଡାନ୍ତ ହେବାର 15 ଦିନ ମଧ୍ୟରେ ପ୍ରାଧିକୃତ ଅଧିକାରୀଙ୍କ ପାଖରେ ଦାଖଲ କରିବେ, ଯାହାକି ସୁଧ ବିହୀନ ଅମାନତ ରାଶି (Security) ହିସାବରେ ରଖାଯିବ I
6. Environment Clearance ମଞ୍ଜୁରି ପରେ ଲିଜ୍ ଧାରୀ ଏକ ବର୍ଷ ପାଇଁ Surface Rent, Dead Rent ଏବଂ Royalty ର 5% EMF, 10% District Mineral Foundation (DMF) ଏବଂ 2% TCS (IT) ଓ ପ୍ରଯୁଜ୍ୟ GST ବାବଦକୁ ରାଶି ପୈଠ କରିବେ I ସଂପୂର୍ଣ୍ଣ ରାଶି ପୈଠ ହେଲାପରେ ଲିଜ୍ ଧାରୀ ରେଜିଷ୍ଟ୍ରେଷନ ଆକ୍ଟ 1908 ଓ ଷ୍ଟାମ୍ପ ଆକ୍ଟ 1999 ଅନୁଯାୟୀ ଚୁକ୍ତି ପତ୍ର ନିଜ ଖର୍ଚ୍ଚରେ ସଂପାଦନ କରିବେ I
7. ଯଦି ଯୋଗ୍ୟ ବିବେଚିତ ଚୁକ୍ତି ସମ୍ପାଦନ ପୂର୍ବରୁ ମୂଲ୍ୟ ଜମା ନ କରନ୍ତି ତେବେ ତାଙ୍କର EMD ବ୍ୟାଜାପ୍ତି ହେବ I
8. ଯଦି ସର୍ବାଧିକ ରୟାଲ୍ଟି ଦର୍ଶାଇଥିବା ବ୍ୟକ୍ତି ସର୍ତ୍ତାବଳୀରେ ଖିଲାପ କରନ୍ତି ତେବେ ତାଙ୍କ ପରବର୍ତ୍ତି ସର୍ବାଧିକ ଅତିରିକ୍ତ ଦେୟ ଦର୍ଶାଇଥିବା ବ୍ୟକ୍ତିଙ୍କୁ କ୍ରମାନ୍ୱୟରେ ସୁଯୋଗ ଦିଆଯିବ I
9. ଦରଖାସ୍ତକାରୀ Mines Act. 1952 ଓ Explosive Act. 1984 ର ସମସ୍ତ ନିୟମାବଳୀର ଅନ୍ତର୍ଭୁକ୍ତ ରହିବେ I

**10.** ଲିଜ୍ ଧାରୀ ସୈରାତ ଉତ୍ସର ନକ୍ସା ଅନୁଯାଇ ସିମେଣ୍ଟ ଖୁଣ୍ଟ ଦ୍ୱାରା ବାଡ ଦେଇ ଚିହ୍ନଟ ଓ ସମ୍ମୁଖ ଭାଗରେ ପ୍ରତିଫଳକ ବୋର୍ଡ ତିଆରି କରି ସେଥିରେ ସୈରାତ ଉତ୍ସର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖ କରିବେ I ଏ ସବୁ କାର୍ଯ୍ୟ ସମ୍ପାଦନ ଲିଜ୍ ଧାରୀ ନିଜ ଖର୍ଚ୍ଚରେ କରିବେ I

**11.** Reserve Assessment Report, Mining Plan and Environmental Clearance ବାବଦକୁ ହୋଇଥିବା ଖର୍ଚ୍ଚ ଲିଜ୍ ଧାରୀ ନିଜେ ବହନ କରିବେ I

**12.** ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ କାର୍ଯ୍ୟଦେଶ ଦିଆଯିବ I କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟଦେଶ ନ ମିଳିବା ପର୍ଯ୍ୟନ୍ତ ଲିଜଧାରୀ ସୈରାତ ଉତ୍ସରୁ ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନ କରି ପାରିବେ ନାହିଁ I କାର୍ଯ୍ୟାଦେଶ ନ ପାଇଲା ପର୍ଯ୍ୟନ୍ତ ସୈରାତ ଉତ୍ସରୁ ଉତ୍ତୋଳନ ଓ ପରିବହନ ହୋଇଥିବା ଲଘୁ ଖଣିଜ ଦ୍ରବ୍ୟକୁ ବେଆଇନ ଧରାଯିବ I

**13.** କୌଣସି କାରଣ ନ ଦର୍ଶାଇ ଲିଜ୍ କାର୍ଯ୍ୟ ବାତିଲ ବା ସ୍ଥଗିତ କରି ପାରିବା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ପରିସର ଭୂକ୍ତ ଅଟେ I

**14.** ଯେ କୌଣସି ମୂହୁର୍ତ୍ତରେ ଯଦି ନିଯମରେ କିଛି ପରିବର୍ତ୍ତନ ଘଟେ ତେବେ, ଲିଜ ଧାରୀ ପରିବର୍ତ୍ତିତ ନିୟମ ମାନିବାକୁ ବାଧ ହେବେ I

**15.** ଲିଜ୍ ସମ୍ବନ୍ଧିୟ ସର୍ତ୍ତାବଳୀ କାର୍ଯ୍ୟାଳୟରେ ଛୁଟିଦିନ ବ୍ୟତିତ ସମସ୍ତ କାର୍ଯ୍ୟ ଦିବସରେ ଦେଖି ପାରିବେ I ଏହା ବ୍ୟତୀତ ଇସ୍ତାହାରର ସମସ୍ତ ବିବରଣୀ ଜିଲ୍ଲା website : (www.bargarh.nic.in) ରେ ମଧ୍ୟ ଦେଖିପାରିବେ I

Tahasildar
Padampur ୨୨/୫/୨୦୨୪

# ତହସିଲ ପଦ୍ମପୁର ଅନ୍ତର୍ଗତ ସୈରାତ ଉତ୍ସଗୁଡିକର ସାରଣୀ

| କ୍ରମିକ ସଂଖ୍ୟା | ଲଘୁ ଖଣିଜ ଉତ୍ସର ନାମ | ମୌଜାର ନାମ | ଖାତା ନଂ | ପ୍ଲଟ ନଂ | ଜମିର କିସମ | ଆବଣ୍ଟିତ ରକବା | ରୟାଲଟି ଦେୟ ପ୍ରତି ଘନ ମିଟର | ଅତିରିକ୍ତ ଦେୟ ପ୍ରତି ଘନ ମିଟର (in.Rs.) | ମୋଟ ଦେୟ ପ୍ରତି ଘନ ମିଟର | ଅନ୍ୟୁନ ଉତ୍ତୋଳନ ପରିମାଣ (MGQ in CuM | ଅମାନତ ଅଗ୍ରିମ ରାଶି ଯାହାକି ବ୍ୟାଙ୍କ ଡ୍ରାଫ୍ଟ ମାଧ୍ୟମରେ ଦରଖାସ୍ତ ସହ ପ୍ରଦାନ କରାଯିବ (in.Rs.) |
|---|---|---|---|---|---|---|---|---|---|---|---|
| 1 | 3 | 4 | 5 | 6 | 8 | 9 | 10 | 11 | 12 | 13 | 15 |
| 1 | ଘନାମାଲ ବାଲି ଖାଦାନ | ଘନାମାଲ | 182 | 583 | ନଦୀ | 4.00 | 35.00 | 100.00 | 135 | 800 | 5500.00 |
| 2 | ଫିରୁପାଲି ବାଲି ଖାଦାନ | ଫିରୁପାଲି | 19 | 144 | ନଦୀ | 10.00 | 35.00 | 50.00 | 85 | 800 | 3500.00 |
| 3 | ସିଂହନପୁର ବାଲି ଖାଦାନ | ସିଂହନପୁର | 155 | 398 | ନଦୀ | 11.40 | 35.00 | 50.00 | 85 | 500 | 2200.00 |
| 4 | ଜମଲା ବାଲି ଖାଦାନ | ଜମଲା | 215 | 1494 | ନଦୀ | 10.00 | 35.00 | 50.00 | 85 | 800 | 3500.00 |
| 5 | ରାଏବାହାଦୁରପୁର ପଥର ଖାଦାନ | ରାଏବାହାଦୁରପୁର | 75 | 270 | ପଥର ଚଟାଣ | 3.10 | 130.00 | 100.00 | 230 | 1520 | 17600.00 |
| 6 | ଶୁକୁଲିପାହାର ମୁରୁମ ଖାଦାନ | ଶୁକୁଲିପାହାର | 77 | 514 | ଗୋଚର | 2.00 | 35 | 100.00 | 135 | 600 | 4100.00 |
| 7 | ଲୋହାରପାଲି ମୁରୁମ ଖାଦାନ | ଲୋହାରପାଲି | 109 | 345 | ଗୋଚର | 3.40 | 35 | 100.00 | 135 | 700 | 4800.00 |
| 8 | କୁମୁନିବାହାଲି ମୁରୁମ ଖାଦାନ | କୁମୁନିବାହାଲି | 97 | 246 | ଗୋଚର | 4.05 | 35 | 100.00 | 135 | 800 | 5500.00 |
| 9 | ଯୁଧିଷ୍ଠିରପୁର ମୁରୁମ ଖାଦାନ | ଯୁଧିଷ୍ଠିରପୁର | 30 | 246(P) | ଗୋଚର | 7.05 | 35 | 100.00 | 135 | 900 | 6100.00 |

ଜ୍ଞାପକ ସଂଖ୍ୟା...2030... ତାରିଖ . 29.04.2021

ଏହାର ଏକକିତା ନକଲ ଜିଲ୍ଲାପାଳ, ବରଗଡ / ଉପ-ଜିଲ୍ଲାପାଳ, ପଦ୍ମପୁର / ବରଗଡ ଜିଲ୍ଲାର ସମସ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ କାର୍ଯ୍ୟାଳୟ / ବରଗଡ ଜିଲ୍ଲାର ସମସ୍ତ ତହସିଲ କାର୍ଯ୍ୟାଳୟ / ପଦ୍ମପୁର ତହସିଲ ଅନ୍ତର୍ଗତ ସମସ୍ତ ଗ୍ରାମ ପଞ୍ଚାୟତ ଏବଂ ରାଜସ୍ବ ନିରୀକ୍ଷକଙ୍କ କାର୍ଯ୍ୟାଳୟ ତାଙ୍କର ସୂଚନା ଫଳକରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା I

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଅଧିକାରୀ ବରଗଡଙ୍କୁ ଜିଲ୍ଲା ୱେବସାଇଟରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା I

ତହସିଲଦାର, ପଦ୍ମପୁର

Tahasildar
Padampur

29/4/2021